ISSN -2583-147X (P), Vol.- 9, Issue No.III, June 2023
Bastabatara Pariprakash Prachee
*Peer Reviewed and Referred Research Journal*

# ସୁରେନ୍ଦ୍ରନାଥ ଶତପଥୀଙ୍କ ପୌରାଣିକ ଉପନ୍ୟାସ : ଏକ ମୁଗ୍ଧ ଦୃଷ୍ଟିପାତ

**ସୋନିପ୍ରିୟା ପଲେଇ**

ଓଡ଼ିଆ ସାହିତ୍ୟ ଜଗତର ଜଣେ ବୌଦ୍ଧିକ ଓ ବୁଦ୍ଧିଦୀପ୍ତ ପ୍ରାଜ୍ଞ ସାହିତ୍ୟିକ ହେଉଛନ୍ତି ସୁରେନ୍ଦ୍ରନାଥ ଶତପଥୀ । ଭାରତୀୟ ପ୍ରାଚୀନ ସାଂସ୍କୃତି, ପରମ୍ପରା, ଐତିହ୍ୟ ଓ ମୂଲ୍ୟବୋଧକୁ ଭିତ୍ତିକରି ଓଡ଼ିଆ ସାହିତ୍ୟର ସମସ୍ତ ବିଭାଗ ତାଙ୍କର ଋଦ୍ଧିମନ୍ତ । ବିଶେଷକରି ଜଣେ ସଂସ୍କୃତି ସମ୍ପନ୍ନ ଔପନ୍ୟାସିକ ଭାବେ ସୁରେନ୍ଦ୍ରନାଥ ଶତପଥୀଙ୍କ ଉପନ୍ୟାସଗୁଡ଼ିକର ମର୍ଯ୍ୟାଦା ସ୍ୱତନ୍ତ୍ର ଅଟେ । ରାମାୟଣ, ମହାଭାରତକୁ ଆଧାର କରି ତାଙ୍କର ସମଗ୍ର ଉପନ୍ୟାସ ଜଗତ ବ୍ୟାପ୍ତ । ୧୯୩୨ ମସିହା ଜୁନ ମାସ ୧୪ ତାରିଖ ଦିନ ଜଗତସିଂହପୁର ଜିଲ୍ଲାର ବାଗଲପୁର ଗ୍ରାମରେ ଏହି ପ୍ରତିଭାଧର ସ୍ରଷ୍ଟାଙ୍କ ଆବିର୍ଭାବ ହୁଏ । ବୃତ୍ତିରେ ଜଣେ ପ୍ରଶାସନିକ ଅଧିକାରୀ ହୋଇଥିଲେ ହେଁ ପ୍ରବୃତ୍ତି କିନ୍ତୁ ଥିଲା ତାଙ୍କର ସାହିତ୍ୟ ସର୍ଜନା । ଚାକିରି ଜୀବନର ଶେଷ ପାଞ୍ଚବର୍ଷ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଭାବେ ଦାୟିତ୍ୱ ତୁଲାଇବା ସମୟ ହିଁ ଥିଲା ତାଙ୍କ ପାଇଁ ସୃଜନ ସୃଷ୍ଟିର ଏକ ଅପୂର୍ବ ସୁଯୋଗ । ଉକ୍ତ ସମୟରେ ସେ ଅନେକ ପୁସ୍ତକ ଅଧ୍ୟୟନର ଯେଉଁ ଅନୁଭୂତି ଆହରଣ କରିଥିଲେ ତାହରା ଫଳ ସ୍ୱରୂପ ସୃଷ୍ଟି ହୋଇଥିଲା ଭାରତୀୟ ଐତିହ୍ୟ ଓ ସଂସ୍କୃତି ଉପରେ ଦୀର୍ଘ ଆଠଖଣ୍ଡରେ ପ୍ରକାଶିତ 'ଭାରତୀୟ ସଂସ୍କୃତି' ପୁସ୍ତକ ଏବଂ ଅବସର ପରେ ସୁରେନ୍ଦ୍ରନାଥ କ୍ରମାଗତ ଭାବରେ ପୁରାଣ ପରମ୍ପରାକୁ ନେଇ ସୃଷ୍ଟି କରିଥିଲେ ଖଣ୍ଡେ ପରେ ଖଣ୍ଡେ ଏମିତି ଆଠଖଣ୍ଡ ପୌରାଣିକ ଉପନ୍ୟାସ । 'ଗାନ୍ଧାରୀ' ପରି ତାଙ୍କର ଏକ ଅନନ୍ୟ ଉପନ୍ୟାସ ଅସମ୍ପୂର୍ଣ୍ଣ ରହିଗଲା ଔପନ୍ୟାସିକଙ୍କ ଇହଧାମ ତ୍ୟାଗ ଜନିତ କାରଣରୁ । ଏତଦ୍‌ବ୍ୟତୀତ ସୁରେନ୍ଦ୍ରନାଥଙ୍କ ଅନେକ ଅନବଦ୍ୟ ସୃଷ୍ଟି ମଧ୍ୟ ତାଙ୍କର ଆବର୍ତ୍ତମାନରେ ଅସମାପ୍ତ ହୋଇ ପରିଚୟବିହୀନ ପ୍ରାୟ ଅନାଥ ହୋଇ ରହିଗଲେ । ସୁରେନ୍ଦ୍ରନାଥ ଶତପଥୀ ଏକାଧାରରେ ଥିଲେ ଜଣେ, କଥାକାର, ପ୍ରାବନ୍ଧିକ, ଅନୁବାଦକ, ସମ୍ପାଦକ, ସର୍ବୋପରି ଜଣେ ଅତି ପ୍ରିୟ ଶିଶୁ ସାହିତ୍ୟିକ । ନିରବଚ୍ଛିନ୍ନ ଭାବେ ଦୀର୍ଘ ଅଠସ୍ତରୀ ବର୍ଷ ଧରି ଲେଖନୀ ଚାଳନ କରି ନିଜର ବୌଦ୍ଧିକ ପ୍ରତିଭା ତଥା ବୁଦ୍ଧିଦୀପ୍ତ ଜ୍ଞାନର ଯଥାର୍ଥ ପରିଚୟ ପ୍ରଦାନ କରିପାରିଥିଲେ । ତାଙ୍କର ସାମଗ୍ରିକ କୃତିର ସୂଚୀ ବିପୁଳାୟତନ । ତଥାପି ଏଯାବତ୍ ଯେତିକି ବିଧିବଦ୍ଧ ପ୍ରକାଶ୍ୟ ଓ ହସ୍ତଗତ ସେ ସବୁର ଏକ ବିବରଣୀ ନିମ୍ନରେ ପ୍ରଦତ୍ତ । ସୁରେନ୍ଦ୍ରନାଥଙ୍କ ସୃଜନୀ କୃତିର ସଂସାରକୁ ସାତଗୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ । ଯଥା- (୧) କ୍ଷୁଦ୍ରଗଳ୍ପ - ଚାରିଖଣ୍ଡ ସଙ୍କଳନ, (୨) କବିତା-ଦୁଇଖଣ୍ଡ ସଙ୍କଳନ, (୩) ପ୍ରବନ୍ଧ - ଭାରତୀୟ ସଂସ୍କୃତି ଉପରେ (୧ମ ରୁ ୮ମ ଭାଗ), ସଂସ୍କୃତ ଓ ସଂସ୍କୃତି, ଧର୍ମ ଓ ସଂସ୍କୃତି, (୪) ଅନୁବାଦ ଓ ସମ୍ପାଦନା - ବୌଦ୍ଧଜାତକ ଗଳ୍ପ (୧ମରୁ ୧୫ ଖଣ୍ଡ), ଧର୍ମପଦ, ଇଶ ଉପନିଷେଦ ଓ କେନ ଉପନିଷେଧ, (୫) ଶିଶୁସାହିତ୍ୟ - ୪ ଖଣ୍ଡ ସଙ୍କଳନ, (୬) ବାଲ୍ମୀକି ରାମାୟଣ ଓ ବ୍ୟାସକୃତ ମହାଭାରତର ସମ୍ପୂର୍ଣ୍ଣ ଅନୁବାଦ, (୭) ପୌରାଣିକ ଉପନ୍ୟାସ - ଆଠଖଣ୍ଡ ।

ସୁରେନ୍ଦ୍ରନାଥ ଶତପଥୀଙ୍କର ଉପରୋକ୍ତ ଏ ସମସ୍ତ ବିଭାଗ ମଧ୍ୟରେ ସନ୍ନିହିତ ପ୍ରାୟ ଅର୍ଦ୍ଧଶତକରୁ ଅଧିକ ପୁସ୍ତକ କେବଳ ମାତ୍ର ପରିମାଣାତ୍ମକ ଦୃଷ୍ଟିରୁ ନୁହେଁ ବରଂ ଗୁଣାତ୍ମକ ଦୃଷ୍ଟିରୁ ଅତ୍ୟନ୍ତ ଉଚ୍ଚକୋଟୀର ଓ ଚିନ୍ତାଦ୍ୟୋତକ । ବିଶେଷକରି ତାଙ୍କର ଭାରତୀୟ ସଂସ୍କୃତି ଉପରେ ଦୀର୍ଘ ଗବେଷଣାର ଫଳ ସ୍ୱରୂପ ଯେଉଁ ଆଠଖଣ୍ଡ ପୁସ୍ତକ ଓଡ଼ିଆ ସାହିତ୍ୟର ବାଣୀଭଣ୍ଡାରକୁ ସମୃଦ୍ଧ କରିପାରିଛି ପଣ୍ଡିତ ନୀଳକଣ୍ଠଙ୍କ ପରେ ପ୍ରାଜ୍ଞଶୀଳ ସୁରେନ୍ଦ୍ରନାଥ ଶତପଥୀଙ୍କ ନାମ ଏ କ୍ଷେତ୍ରରେ ସର୍ବାଗ୍ରେ ସ୍ମରଣୀୟ । ତାଙ୍କର କୃତିତ୍ୱ ସ୍ୱରୂପ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ୧୯୯୭ ମସିହାରେ 'ମନ୍ଥରା' ଉପନ୍ୟାସ ନିମନ୍ତେ ଶ୍ରେଷ୍ଠ ଔପନ୍ୟାସିକ ଭାବେ ପୁରସ୍କୃତ ହେବା ସହିତ ୨୦୦୮ ମସିହାରେ କେନ୍ଦ୍ରସାହିତ୍ୟ ଏକାଡେମୀ ଦ୍ୱାରା ପ୍ରାପ୍ତ 'ଭାଷା ସମ୍ମାନ' ସାହିତ୍ୟ ଜଗତରେ ସୁରେନ୍ଦ୍ରନାଥଙ୍କ

ମର୍ଯ୍ୟାଦାକୁ ଦ୍ୱିଗୁଣିତ କରିପାରିଛି । ଏତଦ୍‌ବ୍ୟତୀତ ଅନେକ ପ୍ରତିଷ୍ଠିତ ଅନୁଷ୍ଠାନମାନଙ୍କ ଦ୍ୱାରା ମଧ୍ୟ ସୁରେନ୍ଦ୍ରନାଥ ଶତପଥୀ ତାଙ୍କର ବିଶେଷ ସୃଜନୀ ଓ ସାମଗ୍ରିକ କୃତି ପାଇଁ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି ।

ଭାରତୀୟ ସଂସ୍କୃତି ଓ ଐତିହ୍ୟକୁ ନେଇ ଗଭୀର ଅନ୍ୱେଷଣ ଓ ମନନପୂର୍ବକ ରାମାୟଣ ଓ ମହାଭାରତର ଚିରନ୍ତନ ମାନବୀୟ ମୂଲ୍ୟବୋଧକୁ ଆଧାର କରି ସୁରେନ୍ଦ୍ରନାଥ ଶତପଥୀ ମାତ୍ର ଏକ ଦଶନ୍ଧି ମଧ୍ୟରେ ଅର୍ଥାତ୍ ୧୯୯୪ ରୁ ୨୦୦୪ ମସିହା ମଧ୍ୟରେ ପ୍ରାୟ ଆଠଖଣ୍ଡ ପୌରାଣିକ ଉପନ୍ୟାସ ସୃଷ୍ଟି କରିଛନ୍ତି । ଯଥା – 'ମନ୍ଥରା' (୧୯୯୪), 'ଜାନକୀ' (୧୯୯୬), 'ରାବଣ' (୧୯୯୮), 'ଶର୍ମିଷ୍ଠା' (୨୦୦୦), 'କର୍ଣ୍ଣ' (୨୦୦୧), 'ଯୋଜନଗନ୍ଧା' (୨୦୦୨), 'କୁନ୍ତୀ' (୨୦୦୩), ଓ 'କୃଷ୍ଣା' (୨୦୦୪) ଇତ୍ୟାଦି । ରାମାୟଣର କଥାଭାଗକୁ ଆଧାର କରି ସୁରେନ୍ଦ୍ରନାଥ ତିନିଗୋଟି ଉପନ୍ୟାସ ଓ ମହାଭାରତକୁ ଆଧାର କରି ପା*ଅଁଗୋଟି ଉପନ୍ୟାସ ସୃଷ୍ଟି କରିଛନ୍ତି । ନିମ୍ନରେ ଉକ୍ତ ପୌରାଣିକ ଉପନ୍ୟାସଗୁଡିକ ଉପରେ ସମ୍ୟକ ଆଲୋଚନା କରାଯାଇପାରେ ।

ଭାରତୀୟ ପୁରାଣ ପରମ୍ପରାରେ ରାମ ମାହାତ୍ମ୍ୟର ସର୍ବଶ୍ରେଷ୍ଠ ଅଦ୍ୱିତୀୟ ଗ୍ରନ୍ଥ ହେଉଛି ରାମାୟଣ । ଏହି ରାମାୟଣ ଅନ୍ତର୍ଗତ ବିଷୟ ଓ ତତ୍‌ସହିତ ଜଡ଼ିତ ପ୍ରମୁଖ ଚରିତ୍ରମାନଙ୍କୁ ନେଇ ଔପନ୍ୟାସିକ ପ୍ରଥମେ 'ମନ୍ଥରା' ଉପନ୍ୟାସ ରଚନା କରନ୍ତି । ଉକ୍ତ ଉପନ୍ୟାସ ୧୯୯୪ ମସିହା କଟକ ଷ୍ଟୁଡେଣ୍ଟ ଷ୍ଟୋରଙ୍କ ଦ୍ୱାରା ଆତ୍ମପ୍ରକାଶ କରେ ଏବଂ ଏହି ଉପନ୍ୟାସ ମାଧ୍ୟମରେ ହିଁ ଲେଖକଙ୍କର ଉପନ୍ୟାସ ଜଗତକୁ ଭବ୍ୟ ପ୍ରବେଶ ଆରମ୍ଭ ହୁଏ । ସବୁଠୁ ଗୌରବର କଥା ଏହି ଯେ ପ୍ରଥମ କୃତିଟି ହିଁ ତାଙ୍କୁ ଜଣେ ସଫଳ ଔପନ୍ୟାସିକ ଭାବେ ତାଙ୍କ ପାଇଁ ଅନେକ ପ୍ରଶଂସା ଓ ସମ୍ମାନ ସାଉଁଟି ଆଣେ । ୧୯୯୭ ମସିହା 'ମନ୍ଥରା' ଉପନ୍ୟାସ ନିମନ୍ତେ ସୁରେନ୍ଦ୍ରନାଥ ଶତପଥୀଙ୍କୁ ଶ୍ରେଷ୍ଠ ଔପନ୍ୟାସିକ ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ କରାଯାଏ ।

ରାମାୟଣର ଅତି ଘୃଣିତ ଓ କୂଟକପଟୀ ଚରିତ୍ର ହେଉଛି ମନ୍ଥରା । ବାଲ୍ମୀକି ଯଦି ଏହି ଚରିତ୍ରଟିର ଅବତାରଣା ରାମାୟଣରେ କରି ନଥାନ୍ତେ ତେବେ ହୁଏତ ନା ରାମ ବନବାସ ଯାଇଥାନ୍ତେ, ନା ସୀତା ରାବଣ ଦ୍ୱାରା ଅପହୃତା ହୋଇଥାନ୍ତେ ନା ରାବଣ ପରି ଜଣେ ପାପୀ, ଦୁରାଚାରୀର ସଂହାର ରାମଙ୍କଦ୍ୱାରା ହୋଇପାରିଥାନ୍ତା । କପଟୀ ମନ୍ଥରାର କୁଟକପଟତା ପାଇଁ ସର୍ବଦା ଆନନ୍ଦିତ ଅଯୋଧ୍ୟା ପରିବାର ଉପରେ ଦୁଃଖର କଳାବାଦଲ ବିସ୍ତାରିତ ହୋଇଛି । ସାମାନ୍ୟ ଜଣେ ଦାସୀ ହୋଇ ସମଗ୍ର ଅଯୋଧ୍ୟା ନଗରୀରେ ଶୋକର ବନ୍ୟା ପ୍ରବାହିତ କରିବାର ମୁଖ୍ୟ କାରଣ ସାଜିଥିବା ଏହି କୁଚକ୍ରୀ ମନ୍ଥରା ଅଯୋଧ୍ୟା ରାଜପରିବାରର ଦୋଷୀ ହେବା ସହିତ ଇତିହାସ ପୃଷ୍ଠାରେ ମଧ୍ୟ ଯୁଗ ଯୁଗ ଧରି ଦୋଷୀ ଭାବରେ ନିନ୍ଦିତା ଓ ଭର୍ତ୍ସିତା ହୋଇ ଆସିଛି । କିନ୍ତୁ ଏହି ଚରିତ୍ରର ବାସ୍ତବତା ସର୍ବ ସମ୍ମୁଖରେ ଯେପରି ଭାବେ ଉପସ୍ଥାପିତ ହୋଇଛି ପ୍ରକୃତ ପକ୍ଷେ ସେ ଚରିତ୍ର ପଛରେ ଯେ ଜଣେ ପୂର୍ଣ୍ଣ ନାରୀତ୍ୱର ସତ୍ତା ଉହ୍ୟ ହୋଇ ରହିଛି ଏବଂ ତାର ଏହି ଅସହାୟ ପରିସ୍ଥିତି ପାଇଁ ସେ ଯେଉଁଭଳି ଭାବେ ପରିବର୍ତ୍ତନ ହୋଇଯାଇଛି ତାହାର ଏକ ମାର୍ମିକ ଆଲେଖ୍ୟ ଔପନ୍ୟାସିକ ଉକ୍ତ ଉପନ୍ୟାସ ମାଧ୍ୟମରେ ଦର୍ଶାଇଛନ୍ତି । ଏହି ନିନ୍ଦିତ କୂଟକପଟୀ ଚରିତ୍ରର ସୃଷ୍ଟି ପ୍ରଚ୍ଛଦପଟରେ ଯେଉଁ କାହାଣୀ ନିହିତ ତାହାକୁ ଉପନ୍ୟାସରେ ଉନ୍ମୋଚନ କରିଛନ୍ତି ଲେଖକ । ସୀମିତ ପରିସର ମଧ୍ୟରେ ରାମାୟଣରେ ବର୍ଣ୍ଣିତ ହୋଇଥିବା ଏହି ଚରିତ୍ରର ସମସ୍ତ ସ୍ଥିତି ପରିସ୍ଥିତି ଆଦିକୁ ଲେଖକ ଆତ୍ମସ୍ଥ କରି ମନ୍ଥରା ଜୀବନର ଅବର୍ଣ୍ଣିତ କରୁଣ ଅନ୍ଧାରୀ କାହାଣୀକୁ ନେଇ ଛତିଶ ଅଧ୍ୟାୟ ଓ ଦୁଇଶହ ଅଠାନବେ ପୃଷ୍ଠାର ସମାହାରରେ ମନ୍ଥରାର ଜୀବନଲିପିକୁ ଆତ୍ମକଥନ ଶୈଳୀର ଔପନ୍ୟାସିକ 'ମନ୍ଥରା' ଉପନ୍ୟାସରେ ବର୍ଣ୍ଣନା କରିଛନ୍ତି ।

ଦାସୀ କୂଳରେ ଜନ୍ମିତା ମନ୍ଥରା ଲେଖକଙ୍କ ଉପନ୍ୟାସରେ ଅତୀବ ସୁନ୍ଦରୀ । ମାତ୍ର ଦୁର୍ଭାଗ୍ୟବଶତଃ ମନ୍ଥରାର ଅଙ୍ଗ ବିକୃତଜନିତ ପିଠିରେ ହୋଇଥିବା କୁଜ ପାଇଁ ସେ ନବବଧୂ ପରି ନଇଁ ନଇଁ ଚାଲେ । ଉପନ୍ୟାସର ପ୍ରାରମ୍ଭରୁ 'ପଦେ କଥାରେ' ଲେଖକ ମନ୍ଥରାକୁ 'ଦଳିତ ଆତ୍ମାର ଅମର ପ୍ରତୀକ' ଭାବେ ସମ୍ବୋଧିତ କରିଛନ୍ତି । ମନ୍ଥରାର କୁଚକ୍ରୀ ଓ କପଟୀ ରୂପ ସର୍ବସମ୍ମୁଖରେ ଉନ୍ମୋଚିତ ହେବା ପରେ ଅଯୋଧ୍ୟା ରାଜପରିବାରରୁ ବିତାଡ଼ିତ ହୋଇ ଆଶ୍ରୟ ପାଇଁ ପୁନର୍ବାର କେକୟ ରାଜ୍ୟକୁ ଫେରି ଆସିଛି । ମାତ୍ର କୈକେୟୀଙ୍କ ସହିତ କପଟତା ଆଚରଣପୂର୍ବକ ଦଶରଥଙ୍କ ବିୟୋଗର କାରଣ ହେତୁ ତାକୁ କେକୟ ରାଜଗୃହରେ ଜାଗା ମିଳି ନାହିଁ । କେକୟ ରାଜା ଅଶ୍ୱପତିଙ୍କ ଦ୍ୱାରା କୁତ୍ସାରଟନା ପାଇ ନିଜର ଆଶ୍ରୟ ନିମିତ୍ତ ନୂତନ ସ୍ୱାମୀ-ସ୍ୱାମିନୀ ଅନୁସନ୍ଧାନାର୍ଥେ ବିତସ୍ତା ନଦୀ ତଟସ୍ଥ ରାଜଗୃହର ଦାସହାଟ ଅଭିମୁଖେ ମନ୍ଥରା ବାହାରିଛି ଏବଂ ଦାସହାଟର ମାର୍ମିକ ବାସ୍ତବତାକୁ ଦେଖି ତା' ଜୀବନର ଅବ୍ୟକ୍ତ କାହାଣୀକୁ ବ୍ୟକ୍ତ କରିଛି । ନିଜର ଜନ୍ମ ପରିବେଶ ସହିତ ସାମାନ୍ୟ ଜଣେ ଦାସୀ କନ୍ୟାରୁ ସେ କିପରି କେକୟ ମହାରାଜଙ୍କ ପଲଙ୍କ ଦାସୀ ହୋଇପାରିଛି ତ ପୁଣି କିପରି କେକୟ

ରାଜକୁମାରୀ କୈକେୟୀଙ୍କ ପ୍ରିୟ ସଖୀ ହେବା ସହିତ ସେ କଥା ବର୍ଣ୍ଣନା କରିଛି । ଏହାରି ମାଧ୍ୟମରେ ବିଗତ ଦିନର କଥା ଭାବୁ ଭାବୁ ନିହାତି ସାଧାରଣ ଜୀବନ ବଞ୍ଚୁଥିବା ମନ୍ଥରା କିପରି ପରିସ୍ଥିତି ଓ ସ୍ୱାର୍ଥୀ ମଣିଷମାନଙ୍କ ତାଡ଼ନାରେ ଗୋଟେ ବିଷଧର କାଳନାଗୁଣୀ ରୂପେ ପରିବର୍ତ୍ତିତ ହୋଇଛି ସେ ରହସ୍ୟ ମଧ୍ୟ ଉନ୍ମୋଚିତ କରିଛି । ମଣିଷ ମଣିଷର ପ୍ରଧାନ ଶତ୍ରୁ । ଆଜି ସମାଜରେ ଯେଉଁଭଳି ଭାବେ ମନ୍ଥରା ଚରିତ୍ର ନିନ୍ଦିତା ଓ ଭର୍ତ୍ସିତା ହୋଇଛି ସେଥିପାଇଁ କେବଳ ସେ କେକୟ ମରାରାଜାଙ୍କୁ ଦାୟୀ କରିଛି । ନିଜ ସ୍ୱାର୍ଥ, କାମନାର ପୂର୍ତ୍ତିହେତୁ ତାକୁ ରାଜା ପିତୁଳି ଭଳି ବ୍ୟବହାର କରିବା ସହିତ ତା' ଆଶା, ଆକାଂକ୍ଷାର ପଙ୍ଖ ଛେଦନ କରି ତାକୁ ବିନ୍ଦିନୀ ପ୍ରାୟ ରଖି ତାଙ୍କ କାମନାର ସ୍ୱାର୍ଥକୁ ପ୍ରଶମିତ କରିଛନ୍ତି । ତଥାପି ଏହି ପରିସ୍ଥିତିକୁ ଦାସୀ ଜୀବନର ସୌଭାଗ୍ୟ ଭାବି ଜୀବନ ବଂ଼ ଆସୁଥିବା ମନ୍ଥରାର ନାରୀତ୍ୱ ସେତେବେଳେ ଆକୁଳ ଆର୍ତ୍ତ ଚିତ୍କାର କରି ଉଠେ ଯେତେବେଳେ ସେ ତା'ର ଦାସ ସ୍ୱାମୀ ଓ ଶିଶୁପୁତ୍ର ଦୁହିଁଙ୍କର ମୃତ୍ୟୁ ନିଜ ଚକ୍ଷୁ ସାମ୍ନାରେ ଦେଖି ବିଳପି ଉଠିଛି । ଏବଂ ଏଥିପାଇଁ ସେ କେକୟ ରାଜାଙ୍କୁ ହିଁ ଦାୟୀ କରି ତାଙ୍କ ଉପରେ ପ୍ରତିଶୋଧ ନେବାକୁ ଦୃଢ଼ପରିକର ହୋଇ କହିଛି, "ପ୍ରତିଶୋଧ ନେବି । ନିଶ୍ଚୟ ମୋର ପତିହନ୍ତା ଓ ପୁତ୍ରହନ୍ତା ଉପରେ ପ୍ରତିଶୋଧ ନେବି । ଏ ପର୍ଯ୍ୟନ୍ତ ଜଗତ ମନ୍ଥରାର ଗୋଟିଏ ରୂପ ଦେଖି ଆସିଲା । ଏଣକି ତା'ର ଆଉ ଗୋଟିଏ ପରିବର୍ତ୍ତିତ ରୂପ ଦେଖିବ ।" (ପୃ.-୧୨୧) ତେଣୁ ତା'ର ଏହି ପ୍ରତିଶୋଧର ମୁଖ୍ୟ ଆୟୁଧ ସେ କେକୟ ରାଜକୁମାରୀ କୈକେୟୀଙ୍କୁ କରିଛି । ଏବଂ ତାର ଅଣ୍ଟିଛୁରୀ ତଣ୍ଟି କାଟେ ନିର୍ଦ୍ଦେଶରେ କୈକେୟୀଙ୍କୁ କୁମନ୍ତ୍ରଣା ଦେଇ ଦେଇ ତାଙ୍କ ସୁନାର ସଂସାରରେ କାଳାଗ୍ନି ବର୍ଷଣ କରିଛି । ସମଗ୍ର ଉପନ୍ୟାସଟିକୁ ପାଠ କଲେ ଜଣାଯାଏ ଯେ ସମ୍ପୂର୍ଣ୍ଣ ଉପନ୍ୟାସ ମନ୍ଥରା ଜୀବନର ଦୁଇଟି ପର୍ଯ୍ୟାୟକୁ ନେଇ ଗତିଶୀଳ ହୋଇଛି ।

ଏତଦ୍ ବ୍ୟତୀତ ଉପନ୍ୟାସରେ ମନ୍ଥରା ଜୀବନର ଚରିତ୍ରାୟନ ଉନ୍ମୋଚନ କରିବା ସହିତ ଉକ୍ତ ଉପନ୍ୟାସରେ ଲେଖକ, ଦଳିତ ଚେତନାର ରୂପଚିତ୍ର, ଦାସତ୍ୱ ପ୍ରଥାର ବିଭତ୍ସ ରୂପ, ନାରୀ ମନସ୍ତତ୍ତ୍ୱତାର ଗଭୀରତା, ତତ୍‌ସହିତ ନାରୀ ନିର୍ଯ୍ୟାତନାକୁ 'ମନ୍ଥରା' ଉପନ୍ୟାସ ମଧ୍ୟରେ ଲେଖକ ଦର୍ଶାଇଛନ୍ତି ।

ରାମାୟଣ ଉପରେ ଆଧାରିତ ଔପନ୍ୟାସିକଙ୍କ ଦ୍ୱିତୀୟ ଉପନ୍ୟାସ ହେଉଛି 'ଜାନକୀ' । ଏହା ୧୯୯୬ ମସିହା ବିଦ୍ୟାପୁରୀ ପ୍ରକାଶକଙ୍କଦ୍ୱାରା ପ୍ରକାଶିତ । ଭାରତୀୟ ନାରୀ ଆଦର୍ଶର ପ୍ରତୀକ ଜନକ ନନ୍ଦିନୀ ମାତା ଜାନକୀଙ୍କ ସମଗ୍ର ଜୀବନର ଉତ୍‌ଥାନ ପତନ, ଦୁଃଖ-କଷ୍ଟର ପୁଞ୍ଜିଭୂତ ଅନ୍ତର୍ବେଦନାରଭରା କାରୁଣ୍ୟ ଓ ମାର୍ମିକତାର କାହାଣୀ 'ଜାନକୀ' ଉପନ୍ୟାସରେ ଏକାଦଶ ଅଧ୍ୟାୟ ଓ ତିନିଶହ ଅଠାନବେ ପୃଷ୍ଠାର ଦୀର୍ଘ କଳେବର ମଧ୍ୟରେ ପ୍ରଦତ୍ତ ହୋଇଛି । ଆତ୍ମକଥନ ଶୈଳୀରେ ରଚିତ ସମଗ୍ର ଉପନ୍ୟାସରେ ଜାନକୀଙ୍କର ମାନବୀୟ ରୂପ ପରିପ୍ରକାଶ ହୋଇଛି । ଜଣେ ସାଧାରଣ ନାରୀ ଭାବରେ ମାତା ଜାନକୀ ଉପନ୍ୟାସରେ ଅବତୀର୍ଣ୍ଣ ହେବା ସହିତ ତାଙ୍କର ଆଦର୍ଶମୟତା ପଛରେ ଥିବା କରୁଣା, ତ୍ୟାଗ, ସହନଶୀଳତା, ଧୈର୍ଯ୍ୟ, ଦୁଃଖ ଯନ୍ତ୍ରଣା ଓ ଦୀର୍ଘ ସଙ୍ଘର୍ଷମୟ ଜୀବନ ଆଦିର କାରୁଣ୍ୟାଲେଖ୍ୟ ଔପନ୍ୟାସିକ ପ୍ରଦାନ କରିଛନ୍ତି । ମାତା ଜନକ ନନ୍ଦିନୀ ପ୍ରାଣପ୍ରିୟ ପତି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କଦ୍ୱାରା ନିର୍ବାସିତ ହୋଇ ବାଲ୍ମୀକି ଆଶ୍ରମରେ ଥିବା ସମୟରେ ଦୀର୍ଘ ସଙ୍ଘର୍ଷମୟ ଜୀବନରେ ପ୍ରାପ୍ତ ପ୍ରତିଟି ଅନୁଭୂତିର ସ୍ମୃତିଚାରଣ କରିଛନ୍ତି । ତେଣୁ ଉପନ୍ୟାସର ପ୍ରାରମ୍ଭରେ ଜାନକୀ କହିଛନ୍ତି, "ସେଇ ଅଭାଗିନୀ ସୀତା ମୁଁ ଆଜି ତମସା କୂଳର ଛାୟାଶୀତଳ ପରିବେଶରେ ଗଢି ଉଠିଥିବା ବାଲ୍ମୀକି ଆଶ୍ରମରେ ବସି ଭାବୁଛି । ଅତୀତକୁ ରୋମନ୍ଥନ କରୁଛି ।" (ଜାନକୀ-ପୃ.-୧) ଉପନ୍ୟାସର ପ୍ରାରମ୍ଭ ଜାନକୀଙ୍କ ପରିଚୟରୁ ଆରମ୍ଭ । ସେ ଗତି କରିଥିବା ନାରୀ ଜୀବନର ବିଭିନ୍ନ ପର୍ଯ୍ୟାୟ ମାଧ୍ୟମରେ ଜଣେ ସାଧାରଣ ନାରୀର ଅନ୍ତର୍ମନର ବିଶ୍ଳେଷିତ ରୂପ ଏଥିରେ ପ୍ରଦତ୍ତ ହୋଇଛି । ଆର୍ଯ୍ୟ ଆର୍ଯ୍ୟେତର ସଙ୍ଘର୍ଷ ମାଧ୍ୟମରେ ସାଂସ୍କୃତିକ ମର୍ଯ୍ୟାଦା ଓ ତା'ର ଅକ୍ଷୁର୍ଣ୍ଣତାକୁ ଉପନ୍ୟାସରେ ଗୁରୁତ୍ୱାରୋପ କରାଯାଇଛି । ଆର୍ଯ୍ୟ ସଂସ୍କୃତିର ବିକାଶ ଲାଗି ରାମ-ରାବଣ ଯୁଦ୍ଧ ଯେ ଅନିବାର୍ଯ୍ୟ ତାହା ଔପନ୍ୟାସିକ ଉପନ୍ୟାସରେ ଦର୍ଶାଇଛନ୍ତି । ପରିଶେଷରେ ଅନୁତପ୍ତ ରାମଚନ୍ଦ୍ରଙ୍କ ଅଶ୍ରୁବିଗଳିତ ଲୋତକରେ ନିର୍ବାସିତା ଅଭିମାନୀ ଓ ସ୍ୱାଭିମାନୀ ସୀତାଙ୍କ ନାରୀ ମନ ବରଫ ସଦୃଶ ତରଳି ଯାଇଛି ଏବଂ ସ୍ୱାମୀଙ୍କ ଅନୁରୋଧ ଏବଂ ଇଚ୍ଛାକୁ ସମ୍ମାନ ପ୍ରଦାନ ପୂର୍ବକ ମାତା ସୀତା ନିଜର ସ୍ୱାମୀ ଓ ସନ୍ତାନଙ୍କ ସହିତ ଅଯୋଧ୍ୟା ଅଭିମୁଖେ ପ୍ରସ୍ଥାନ କରିଛନ୍ତି ।

ସମଗ୍ର ଉପନ୍ୟାସଟି ସୀତାଙ୍କ ପରି ଜଣେ ଆଦର୍ଶ ନାରୀଙ୍କ ଅସମାହିତ ଦୁଃଖ ଓ କାରୁଣ୍ୟ ଜୀବନାଲେଖ୍ୟକୁ ନେଇ ଗତିଶୀଳ ହୋଇଛି ।

ରାମାୟଣ ବିଷୟ ଆଧାରିତ ଲେଖକଙ୍କ ତୃତୀୟ ଉପନ୍ୟାସ ହେଉଛି 'ରାବଣ' ଯାହା ବିଦ୍ୟାପୁରୀ ପ୍ରକାଶକଙ୍କ ଦ୍ୱାରା ୧୯୯୮ ମସିହାରେ ପ୍ରକାଶିତ ହୋଇଛି । ରାମାୟଣର ଜଣେ ପ୍ରମୁଖ ଓ

ରାମଙ୍କ ପ୍ରତିସ୍ପର୍ଦ୍ଧୀ ଚରିତ୍ର ଭାବେ ରାବଣ ଉଭା । ଏହି ରାବଣର ଜୀବନାନୁଲିପି ହେଉଛି 'ରାବଣ' ଉପନ୍ୟାସ । ଆତ୍ମକଥନ ଶୈଳୀ ମାଧ୍ୟମରେ ସୃଷ୍ଟ ଉକ୍ତ ଉପନ୍ୟାସଟି ପଚାଶ ଅଧ୍ୟାୟ ବିଶିଷ୍ଟ ଓ ଦୀର୍ଘ ଚାରିଶହ ତିରିଶ ପୃଷ୍ଠା କଳେବର ବିମଣ୍ଡିତ । ବିଶ୍ୱର ସର୍ବଶ୍ରେଷ୍ଠ ଜ୍ଞାନୀ ମହାପଣ୍ଡିତ ଅଥଚ ହିତାହିତ ଜ୍ଞାନ ପରିହିତ ଋଷି ପିତା ଓ ରାକ୍ଷସୀ ମାତାର ଔରସରୁ ସମ୍ଭୁତ ଏହି କିମ୍ଭୁତ କିମାକାର ଚରିତ୍ର ବାଲ୍ମୀକିଙ୍କ ଅନବଦ୍ୟ ସୃଷ୍ଟି । ରାମଙ୍କ ବିନା ଯେପରି ରାମାୟଣ ପରିକଳ୍ପନା ଅସମ୍ଭବ ଠିକ୍ ସେହିପରି ରାବଣକୁ ଛାଡି ରାମାୟଣର ପରିକଳ୍ପନା କରିବା ଅସମ୍ଭବ । ଉକ୍ତ ଉପନ୍ୟାସରେ ଔପନ୍ୟାସିକ ରାବଣ ଚରିତ୍ର ମାଧ୍ୟମରେ ତାର ମାନବୀୟ ପ୍ରକୃତି ସହିତ ରାକ୍ଷସୀ ପ୍ରବୃତ୍ତିର ସଙ୍ଘର୍ଷକୁ ଚିତ୍ରିତ କରିଛନ୍ତି । ସମଗ୍ର ବ୍ରହ୍ମାଣ୍ଡ ଉପରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଲାଳାୟିତ ରାବଣ ନିଜ ସ୍ୱାର୍ଥର ପୂର୍ଣ୍ଣତା ପଥରେ ଅନେକ ଅଧର୍ମ ଓ ପାପ କାର୍ଯ୍ୟ କରିବାରେ ପଛଘୁଞ୍ଚା ଦେଇ ନାହିଁ । ରାମ ବାଣଦ୍ୱାରା ଆଘାତପ୍ରାପ୍ତ ଏବଂ ଜୀବନ ଯିବା ପୂର୍ବରୁ ରାବଣ ଯୁଦ୍ଧ ଭୂମିରେ ଥାଇ ନିଜ ଅତୀତର ଯାବତୀୟ ଘଟଣାବଳୀର ସ୍ମୃତି ରୋମନ୍ଥନ କରିବା ସହିତ ନିଜ ଅପକର୍ମକୁ ସ୍ୱୀକାର କରିଛି । ଚିର ଅମର ଓ ଦିଗ୍‌ବିଜୟୀ ସମ୍ରାଟ ହୋଇ ନିଜର ସଂସ୍କୃତିକୁ ପୃଥିବୀ ପୃଷ୍ଠରେ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ତା'ର ଏ ଯୁଦ୍ଧ ।

ବ୍ରହ୍ମାଣ୍ଡର ଏତେ ବଡ ଜ୍ଞାନୀ ହୋଇ ସୁଦ୍ଧା ରାମ-ସୀତାଙ୍କର ବାସ୍ତବିକ୍ ସ୍ୱରୂପ ନ ବୁଝି ପାରି ଅହଙ୍କାର ଓ କାମନାରେ ବଶୀଭୂତ ହୋଇ ମାତୃରୂପିଣୀ ସତୀ ସାଧ୍ୱୀ ସୀତାଙ୍କୁ ଅପହରଣ କରି ସେ ଯେଉଁ ପାପ ରୂପକ ଅକ୍ଷମଣୀୟ ଅପରାଧ କରିଛି ସେଥିପାଇଁ ସେ ଅନୁତପ୍ତ ଜର୍ଜରିତ ହୋଇଥିଲେ ହେଁ ଶେଷରେ ସୀତାଙ୍କ ଅପହରଣ ଯେ ତା ମୁକ୍ତିର ପରମ ମାର୍ଗ ତାହା ତାକୁ ଆଶ୍ୱସ୍ତି ପ୍ରଦନା କରିଛି । ମାତ୍ର କ୍ଷୋଭ ମଧ୍ୟ ପ୍ରକାଶ କରିଛି ଯେ, ଏ ଦିବ୍ୟ ମୁକ୍ତି ପଥର ସନ୍ଧାନ ହୁଏତ ଆଗରୁ ପାଇ ପାରିଥିଲେ ସୀତାଙ୍କୁ ବହୁ ପୂର୍ବରୁ ଅପହରଣ କରି ପରମ ପୁରୁଷ ପ୍ରଭୁ ଶ୍ରୀରାମଙ୍କ ଦିବ୍ୟ ସାନିଧ୍ୟ ଲଭି ପାରିଥାନ୍ତା । ଉପନ୍ୟାସର ଶେଷରେ ତେଣୁ ମୃତ୍ୟୁ ପୂର୍ବରୁ ନିଜର ଶେଷ ସ୍ୱୀକାରୋକ୍ତି ମାଧ୍ୟମରେ ପ୍ରକାଶ କରିବାକୁ ଯାଇ ରାବଣ କହିଛି, "ଅମର ହେବା ପାଇଁ କେତେ ତପସ୍ୟା କରିଥିଲି । ଅମରତ୍ୱର ବର ପାଇ ପାରିଲି ନାହିଁ ବୋଲି ମୋର କେତେ ମନ ଦୁଃଖ । ଚିରଦିନ ବଞ୍ଚି ରହିବା ପାଇଁ କେତେ ଉଦ୍ୟମ ! କେତେ ଲୋକଙ୍କୁ କେତେ ପ୍ରକାର ଯାତନା ଦେଇଥିଲି । କିନ୍ତୁ ଅମର ùj ùA _ùè0^[ ƒ0ü x x x ଅଥଚ ଆଜି ମରିବାକୁ ଯିବା ବେଳେ ଅମର ହୋଇ ଉଠିଛି । ଏ ପ୍ରକାର ମୃତ୍ୟୁ ମୋର ଆଗରୁ ଆସିଥାନ୍ତା ହେଲେ ! ଏ ଅମରତ୍ୱ ସ୍ୱାଦ ଆଗରୁ ଚାଖିଥାନ୍ତି, ହେଲେ ! ରାମଙ୍କ ସହିତ ଶତ୍ରୁତା ଆଗରୁ ହୋଇଥାନ୍ତା ହେଲେ ! ଏ ସୌଭାଗ୍ୟ ଆଗରୁ ଆସିଥାନ୍ତା ହେଲେ ! (ରାବଣ, ପୃ.-୪୨୮-୪୨୯) । ଲେଖକ ଆର୍ଯ୍ୟ ସଂସ୍କୃତିର ପ୍ରତିଷ୍ଠା ହେତୁ ଉପନ୍ୟାସରେ ରାମ-ରାବଣ ଯୁଦ୍ଧର ଆବଶ୍ୟକତା ଦର୍ଶାଇଛନ୍ତି । ଏତଦ୍‌ବ୍ୟତୀତ ଆର୍ଯ୍ୟ ସଂସ୍କୃତି, ଆର୍ଯ୍ୟ ରାଷ୍ଟ୍ର ସ୍ଥାପନ ପାଇଁ ଉଦ୍ୟମ, ଭିନ୍ନ ଭିନ୍ନ ଆର୍ଯ୍ୟେତର ଗୋଷ୍ଠୀ ମିଶ୍ରଣରେ ମାନବୀୟ ଇନ୍ଦ୍ରଧନୁ ଏବଂ ସଂସ୍କୃତିର ବିକାଶ ହେତୁ ସଙ୍ଘର୍ଷ ଆଦିର ଚିତ୍ର ଉକ୍ତ ଉପନ୍ୟାସରେ ପ୍ରଦତ୍ତ ହୋଇଛି ।

ସମ୍ପୂର୍ଣ୍ଣ ଉପନ୍ୟାସରେ ରାବଣ 'ପାପ-ପୁଣ୍ୟ', ସ୍ୱର୍ଗ-ନର୍କ, ଆସକ୍ତ-ଅନାସକ୍ତ ଓ ଶାନ୍ତି-ଆନନ୍ଦ ପ୍ରତି ଉନ୍ମୁଖ । ଇଷ୍ଟ-ଦ୍ରୋହକୁ ନିଜ ମୁକ୍ତିର ଏକମାତ୍ର ସାଧନ ଭାବେ ଗ୍ରହଣ କରି ନେଇଥିବା ରାବଣର ଅବଚେତନରେ ବୈକୁଣ୍ଠପ୍ରାପ୍ତିର ଅଭୀପ୍‌ସା ହୁଏତ ତା'ର ଅପକର୍ମର ହେତୁ । ଉପନ୍ୟାସ ପଠନ କାଳରେ ମନେହୁଏ ରାବଣ ଯେପରି ଅତି ମାନସିକ ଦ୍ୱନ୍ଦ୍ୱର ଏକ ସାର୍ଥକ ଓ ସାକାର ଅଭିବ୍ୟକ୍ତି କାଳର ନିତ୍ୟ ପ୍ରବାହ ମାନତାରେ ଦେବତ୍ୱ ଓ ଦାନବତ୍ୱର ଯେଉଁ ସଙ୍ଘର୍ଷ ଭାବରୂପ ମନୁଷ୍ୟ ଅନ୍ତରରେ ଚିର ପ୍ରବାହିତ ହୋଇ ଆସିଛି ତା'ର ଏକ ସାର୍ଥକ ଭାବରୂପ ହେଉଛି 'ରାବଣ' ଉପନ୍ୟାସ । ବାସ୍ତବିକ ଔପନ୍ୟାସିକଙ୍କର ଏକ ଅନବଦ୍ୟ ସୃଷ୍ଟି ହେଉଛି ଉପନ୍ୟାସ 'ରାବଣ' ।

ରାମାୟଣକୁ ଆଧାର କରି ଉପରୋକ୍ତ ତିନୋଟି ଉପନ୍ୟାସ ପରେ ସୁରେନ୍ଦ୍ରନାଥଙ୍କ ଚତୁର୍ଥ ଉପନ୍ୟାସ 'ଶର୍ମିଷ୍ଠା' ମହାଭାରତୀୟ ଚରିତ୍ର ଅସୁର ରାଜ ବୃଷପର୍ବାଙ୍କ କନ୍ୟା ଶର୍ମିଷ୍ଠାଙ୍କୁ ନେଇ ସୃଷ୍ଟ । ୨୦୦୦ ମସିହା ବିଦ୍ୟାପୁରୀ ପ୍ରକାଶକଙ୍କ ଦ୍ୱାରା ଉକ୍ତ ଉପନ୍ୟାସର ବିଷୟବସ୍ତୁ ଛଷଠି ଅଧ୍ୟାୟ ବିଶିଷ୍ଟ ଓ ଦୀର୍ଘ ତିନିଶହ ଏକାଅଶୀ ପୃଷ୍ଠାରେ ବ୍ୟାପ୍ତ ।

ମହାଭାରତର ଆଦିପର୍ବ ଅନ୍ତର୍ଗତ ଏକ ଲୋକପ୍ରିୟ ଆଖ୍ୟାନକୁ ନେଇ ରଚିତ 'ଶର୍ମିଷ୍ଠା' ଉପନ୍ୟାସ । ଉକ୍ତ ଉପନ୍ୟାସର ପୃଷ୍ଠଭୂମି ହେଉଛି କାଳିଦାସଙ୍କ 'ଅଭିଜ୍ଞାନ ଶକୁନ୍ତଳଂ' ନାଟକର ଚତୁର୍ଥ ଅଙ୍କସ୍ଥ ସପ୍ତମ ଶ୍ଳୋକରେ ଥିବା ଏକ ଉକ୍ତି ଯେଉଁଥିରେ କଣ୍ୱମୁନି କନ୍ୟା ଶକୁନ୍ତଳାଙ୍କୁ ବିଦାୟ ଦେବା ଅବସରରେ କହିଛନ୍ତି, "ଯଯାତେରିମ ଶର୍ମିଷ୍ଠା ଭର୍ତ୍ତୁର୍ବହୁମତା ଭବ" । ଅର୍ଥାତ୍ ଶର୍ମିଷ୍ଠା ଯେପରି ପତି ଯଯାତିଙ୍କ ଠାରୁ ଖୁବ୍ ସମ୍ମାନ ପାଇଥିଲେ ତୁମେ ଠିକ୍ ସେମିତି ତୁମ ପତିଙ୍କ ଠାରୁ ସମ୍ମାନ ପାଅ । ଏହି ପଦେ କଥା ଲେଖକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି ଯେ ବ୍ରାହ୍ମଣ କନ୍ୟା

ଦେବଯାନୀଙ୍କୁ ଯଯାତି ଦଶଦିଗପାଳଙ୍କୁ ସାକ୍ଷୀ ରଖି ବିବାହ କରିଥିଲେ । ମାତ୍ର ଦେବଯାନୀଙ୍କ ଆଜୀବନ ଦାସୀ, ନିଷ୍ପେସିତ ଆତ୍ମା, ଅଭିଶପ୍ତ ଜୀବନ ନେଇ ବଞ୍ଚୁଥିବା ଅସୁର ରାଜ ବୃଷପର୍ବାଙ୍କ କନ୍ୟା ଶର୍ମିଷ୍ଠା ଆର୍ଯ୍ୟପୁତ୍ର ଯଯାତିଙ୍କର ପ୍ରିୟତମ ପତ୍ନୀ ହେବାର ସୌଭାଗ୍ୟ ପ୍ରାପ୍ତି କରିବା ସହିତ ପୁରୁରବା ବଂଶର ରାଜମାତା ହୋଇପାରିଥିଲେ । ଅଥଚ ଗୁରୁ ଶୁକ୍ରାଚାର୍ଯ୍ୟଙ୍କ କନ୍ୟା ଦେବଯାନୀଙ୍କୁ ଏ ସୌଭାଗ୍ୟ ପ୍ରାପ୍ତି ହୋଇପାରି ନଥିଲା । ଏପରି କେଉଁ ଗୁଣ ଥିଲା ଶର୍ମିଷ୍ଠାଙ୍କ ପାଖରେ ଯାହା ପୁଣି ନଥିଲା ଦେବଯାନୀଙ୍କ ପାଖରେ । କେଉଁ ଗୁଣରେ ଗରୀୟସୀ ଶର୍ମିଷ୍ଠାଙ୍କୁ ମହାକବି ଜଣେ ଆଦର୍ଶ ପତ୍ନୀର ପଦ ମର୍ଯ୍ୟାଦାରେ ଅବତାରଣ କରିଛନ୍ତି । ସେସବୁ ଦ୍ୱନ୍ଦ୍ୱରୁ ସୃଷ୍ଟ 'ଶର୍ମିଷ୍ଠା' ଉପନ୍ୟାସରେ ଲେଖକ ଶର୍ମିଷ୍ଠା, ଦେବଯାନୀ ଓ ଯଯାତିଙ୍କ ତ୍ରିକୋଣୀୟ ପ୍ରେମ ଭାବନା ବର୍ଣ୍ଣନା ମାଧ୍ୟମରେ କିପରି ଦାସୀ ଶର୍ମିଷ୍ଠା ଜଣେ ଆଦର୍ଶ ପତ୍ନୀର ଶ୍ରେଷ୍ଠତାକୁ ଅବତୀର୍ଣ୍ଣ ହୋଇପାରିଛନ୍ତି ସେ ସବୁର ଅନେକ ପ୍ରଶ୍ନ ଓ ତାର ଉତ୍ତରକୁ 'ଶର୍ମିଷ୍ଠା' ଉପନ୍ୟାସ ମଧ୍ୟରେ ଲେଖକ ପ୍ରକାଶ କରିଛନ୍ତି ।

ମହାଭାରତ ପୃଷ୍ଠଭୂମି ଉପରେ ଆଧାରିତ ଔପନ୍ୟାସିକଙ୍କ ପଞ୍ଚମ ଉପନ୍ୟାସ 'କର୍ଣ୍ଣ' ୨୦୦୧ ମସିହା ଦୀର୍ଘ ଚାରିଶହ ସତସ୍ତରୀ ପୃଷ୍ଠା ବିଶିଷ୍ଟ ଅଠାଅଶୀ ଅଧ୍ୟାୟର ଦୀର୍ଘ କଳେବର ନେଇ ଆତ୍ମକଥନ ଶୈଳୀ ମାଧ୍ୟମରେ ପ୍ରକାଶିତ ହୋଇଛି । ମହାଭାରତର ଜଣେ ପରାକ୍ରମୀ ବୀର ଅଥଚ କାଳେ କାଳେ ଅବାଞ୍ଛିତ, ଅପମାନିତ, ଉପେକ୍ଷିତ ଓ ଅବହେଳିତ ଚରିତ୍ରର ଜୀବନାୟନ ହେଉଛି 'କର୍ଣ୍ଣ' ଉପନ୍ୟାସ । ଜୀବନତମାମ ଅପମାନିତ ଓ ଅବାଞ୍ଛିତ ହୋଇ ନିଜ ଅସ୍ତିତ୍ୱ ପାଇଁ ସର୍ବଦା ସଂଘର୍ଷରତ କର୍ଣ୍ଣ ମହାଭାରତର ଏକ ପରାକ୍ରମୀ ଚରିତ୍ର । ମହାଭାରତର ଭୀମ ଭୟଙ୍କର ପରିବେଶରେ ମୃତ୍ୟୁର ଅବ୍ୟବହିତ ପୂର୍ବରୁ ଶରବିଦ୍ଧ ଯନ୍ତ୍ରଣାରେ ଜର୍ଜରିତ କର୍ଣ୍ଣ ତାଙ୍କ ଜୀବନଲିପିର ସ୍ମୃତିଚାରଣ କରିବା ସହିତ କିଛି ବିଶେଷ କାରଣ ପାଇଁ ସେ ତାଙ୍କର ଜୀବନଲିପିକୁ ପ୍ରକାଶ କରିଛନ୍ତି ବୋଲି କହିଛନ୍ତି । ଏବଂ ସେହି ବିଶେଷ କାରଣ ହେଉଛି ଧର୍ମପକ୍ଷ ଛାଡ଼ି ଦୁର୍ଯ୍ୟୋଧନ ଭଳି ଜଣେ ଦୁରାଚାରୀ, ଅଧର୍ମୀର ପକ୍ଷକୁ ସମର୍ଥନ କରିବାର ଚିରବିବଶତା । ନ୍ୟାୟ-ଅନ୍ୟାୟ, ଧର୍ମ-ଅଧର୍ମ, ହିତାହିତ ଜ୍ଞାନ ଥାଇ ସୁଦ୍ଧା କୌରବ ରାଜସଭାରେ ପାଣ୍ଡବ କୂଳବଧୂ ଦ୍ରୌପଦୀଙ୍କୁ ସର୍ବସମ୍ମୁଖରେ ବେଶ୍ୟା କହି ସମ୍ବୋଧନ କରି ଜଣେ ନାରୀକୁ ଅପମାନିତ କରିବାର ଅକ୍ଷମଣୀୟ ଭୁଲ ସହିତ ସବୁଠୁ ବଡ ବିଶେଷ କଥା ହେଉଛି ପରିଚୟ ଥାଇ ସୁଦ୍ଧା ଜୀବନ ତମାମ ଅବାଞ୍ଛିତ ଭାବେ ଅଭିଶପ୍ତ ଜୀବନ ଭୋଗ କରିବା । ତେଣୁ ଏହି ପ୍ରସଙ୍ଗରେ ଉପନ୍ୟାସରେ ଲେଖକ କର୍ଣ୍ଣ ମୁଖରେ ପ୍ରକାଶ କରିବାକୁ ଯାଇ କୁହନ୍ତି, "ଏକ ବିଶେଷ କାରଣ, ଯେଉଁଥିପାଇଁ ଏହି କାହାଣୀଟିକୁ କହିବାକୁ ଯାଉଛି । ଆଗରୁ ତ କହିଛି, ଏହା ଏକ ଅଭିଶପ୍ତ ଜୀବନର କାହାଣୀ – ଏକ ଦଳିତ ପ୍ରାଣର ଆର୍ତ୍ତନାଦର କାହାଣୀ ।" (କର୍ଣ୍ଣ – ପୃ.– ୯) ।

କୁନ୍ତୀ ପୁତ୍ର କର୍ଣ୍ଣ ନିଜ ଅସ୍ତିତ୍ୱ ପାଇଁ, ନିଜ ପୌରୁଷତାର ପ୍ରମାଣ ଦେବା ପାଇଁ ସର୍ବଦା ଚେଷ୍ଟିତ ଥିଲେ ମଧ୍ୟ ଏ ସମାଜ ଦ୍ୱାରା ସୂତପୁତ୍ର ଭାବେ ସମ୍ବୋଧିତ ହୋଇ ଚିର ଅବହେଳିତ ହୋଇ ରହିଯାଇଛନ୍ତି । ଯାହାକୁ ମାରିବାକୁ ଯାଇ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଛଳର ସାହାଯ୍ୟ ନେଇଛନ୍ତି ସେହିଭଳି ଜଣେ ମହାନ ଯୋଦ୍ଧା ଓ ଦାନବୀର କର୍ଣ୍ଣଙ୍କ କାରୁଣ୍ୟ କାହାଣୀର ମର୍ମଲିପି ଉକ୍ତ ଉପନ୍ୟାସର ଉପଜୀବ୍ୟ ବିଷୟ ଅଟେ । ଉକ୍ତ ଉପନ୍ୟାସରେ ଦଳିତ କର୍ଣ୍ଣ ଚରିତ୍ର ମାଧ୍ୟମରେ ଔପନ୍ୟାସିକ ଉଚ୍ଚ-ନୀଚ ବିଭେଦତାକୁ ପ୍ରଶ୍ରୟ ନଦେଇ ନିଜର ଆତ୍ମବିଶ୍ୱାସ ଓ ସଙ୍ଘର୍ଷ ବଳରେ ସମାଜରେ କିପରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ଏହା ମାଧ୍ୟମରେ ଆଗାମୀ ସନ୍ତାନମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି ।

ସୁରେନ୍ଦ୍ରନାଥ ଶତପଥୀଙ୍କ ଷଷ୍ଠ ଉପନ୍ୟାସ 'ଯୋଜନଗନ୍ଧା' ଅଟେ । ଏହା ବିଦ୍ୟାପୁରୀ ପ୍ରକାଶକଙ୍କଦ୍ୱାରା ୨୦୦୨ ମସିହା ଆତ୍ମପ୍ରକାଶ କରେ । ପଂଷଠି ଅଧ୍ୟାୟଭୁକ୍ତ ଏବଂ ଚାରିଶହ ସତୁରୀ ପୃଷ୍ଠା ବିଶିଷ୍ଟ ଦୀର୍ଘ କଳେବର ନେଇ 'ଯୋଜନଗନ୍ଧା' ଉପନ୍ୟାସ ପରିପୁଷ୍ଟ । ମହାଭାରତର ଜଣେ ଦୀପ୍ତିମୟୀ ନାରୀ ଚରିତ୍ର ସତ୍ୟବତୀଙ୍କୁ ନେଇ ତାଙ୍କ ଦୀର୍ଘ ଜୀବନର ସୁଖ-ଦୁଃଖ କାହାଣୀର ସମିଶ୍ରଣରେ 'ଯୋଜନଗନ୍ଧା' ଉପନ୍ୟାସ ଆତ୍ମକଥନ ଶୈଳୀରେ ପରିବେଷିତ । ନିମ୍ନ କୂଳରେ ଧୀବର ପରିବାରରେ ଜନ୍ମିତ ସତ୍ୟବତୀଙ୍କ ସମଗ୍ର ଜୀବନକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ସମସ୍ତ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ସୁଦ୍ଧା ଜୀବନ ସଂଗ୍ରାମରେ ହାର ନ ମାନି ସମାଜର ନିମ୍ନସ୍ତରରୁ କିପରି ଜଣେ ସାଧାରଣ ନାରୀ ଉଚ୍ଚ ସୋପାନକୁ ଅତିକ୍ରମ କରିପାରେ ତାହାର ସ୍ପଷ୍ଟ ପ୍ରମାଣ ମହାଭାରତର ଏହି ନାରୀ ଚରିତ୍ରଟି ମାଧ୍ୟମରେ ପ୍ରଦତ୍ତ । ନିଜକୁ ଅବଳା, ଦୁର୍ବଳା ନ ଭାବି ପୁରୁଷ ସହ ସମତାଳରେ ଗତି କରି ଉଭୟେ ପରସ୍ପରର ସହଯୋଗୀ ହୋଇ ଜୀବନର ପ୍ରଲମ୍ବିତ ପଥକୁ ଅନାୟାସରେ କିପରି ଅତିକ୍ରମ କରାଯାଇପାରେ ତାହାର ସ୍ପଷ୍ଟୋକ୍ତି ଦିଏ 'ଯୋଜନଗନ୍ଧା' ଉପନ୍ୟାସ ।

ନାରୀ ସର୍ବଶକ୍ତିର ଅଧିକାରିଣୀ । ଅସମ୍ଭକୁ ସମ୍ଭବ କରିବାର କ୍ଷମତା ରଖେ । ପୁଣି ନୂତନ ସୃଷ୍ଟିର ପ୍ରାରମ୍ଭିକ ଯାତ୍ରା ଏଇ ନାରୀ ।

ତେଣୁ ନିଜକୁ କେବେ ଅବଳା ଦୁର୍ବଳା ନ ବିଚାରି ନିଜ ଅନ୍ତର୍ନିହିତ ଚଳତଶକ୍ତି ଓ ସାମର୍ଥ୍ୟକୁ ଚିହ୍ନି ତାକୁ ନିଜର ଲକ୍ଷ୍ୟପ୍ରାପ୍ତି ମାର୍ଗରେ ପ୍ରେରଣା ସ୍ୱରୂପ ମନରେ ଆତ୍ମବିଶ୍ୱାସ ଭରି ଜୀବନଯାତ୍ରାରେ ଆଗକୁ ଆଗେଇ ପାରିଲେ ସେ ହିଁ ହୁଏ ସର୍ବ ଇଚ୍ଛାପୂର୍ତ୍ତିର ଅଧିକାରିଣୀ । ଏହି ପ୍ରସଙ୍ଗରେ ଲେଖକ ଉପନ୍ୟାସରେ ଯୋଜନଗନ୍ଧା ମୁଖରେ କହିଛନ୍ତି, "ସାଧାରଣ ଧୀବର କନ୍ୟାର ଜୀବନଠାରୁ ଆରମ୍ଭ କରି ଜୀଇଁ ଆସିଛି ରାଜରାଣୀ, ରାଜମାତା ଓ ରାଜମାତାମହୀଙ୍କ ଜୀବନ । ବହୁ ଘାତ-ପ୍ରତିଘାତ, ମାନ-ଅପମାନର ହୋଇଛି ମୁହାଁମୁହିଁ । କିନ୍ତୁ ଭାଙ୍ଗି ପଡି ନାହିଁ । ହରାଇ ନାହିଁ ସାହାସ ଓ ଆତ୍ମବିଶ୍ୱାସ । ପଛଘୁଞ୍ଚା ଦେଇ ନାହିଁ କୌଣସି ଲଢ଼େଇରେ । ଲଢ଼ିଛି ବିରାଙ୍ଗନାଭଳି, ହୀନ କୂଳରେ ଜନ୍ମ ନେଇ ମଧ୍ୟ ମୋତେ ଗ୍ରାସ କରି ନାହିଁ ହୀନମନ୍ୟତା । ସବୁବେଳେ ଉଚ୍ଚ ଆଶା, ଉଚ୍ଚ ଅଭିଳାଷ, ମହତ୍ତ୍ୱାକାଂକ୍ଷା ନେଇ ଗଢ଼ି ତୋଳିଛି ମୋର ସଂସାର ।" (ପୃ.-୪୭୦)

'ଯୋଜନଗନ୍ଧା' ଉପନ୍ୟାସର ପ୍ରାରମ୍ଭରୁ ସତ୍ୟବତୀ ଜୀବନର ଶେଷ ସମୟରେ ଅମ୍ବିକା ଅମ୍ବାଳିକାଙ୍କ ସହ ହସ୍ତିନାପୁରରୁ ବିଦାୟ ନେଇ ବାନପ୍ରସ୍ଥ ଗ୍ରହଣ କରି ବ୍ୟାସଦେବଙ୍କ ଆଶ୍ରମରେ ରହି ସେହିଠାରେ ହିଁ ନିଜ ଜୀବନର ସମସ୍ତ ଘଟଣାବଳୀର ସ୍ମୃତିଚାରଣ କରିଛନ୍ତି । ଲେଖକଙ୍କଦ୍ୱାରା ସୃଷ୍ଟ ଉକ୍ତ ଉପନ୍ୟାସ ମାଧ୍ୟମରେ ମାନବ ଜୀବନର ସମଗାନର ସରସ-ମଞ୍ଜୁଳ-ମଧୁର ଅଭିବ୍ୟକ୍ତ ଘଟିଛି । ମହାଭାରତୀୟ ଏହି ମହିମ୍ନ ଚରିତ୍ର ସତ୍ୟବତୀ ଅତୀତର ଚରିତ୍ର କେବଳ ମାତ୍ର ନୁହଁନ୍ତି, ବରଂ ଅକ୍ଷୟକାଳର ଚରିତ୍ର ଜଣେ । ଜୀବନ ତମାମ ମାନ-ଅପମାନ, ସାମାଜିକ ଅବହେଳା ସହିତ ଅତ୍ୟାଚାର ଓ ନାନା ଧର୍ମ ସଙ୍କଟ ମଧ୍ୟ ଦେଇ ସତ୍ୟବତୀ ଚରିତ୍ରଟି ଗତି କରିଥିଲେ ସୁଦ୍ଧା ନା କେବେ ଭାଙ୍ଗି ପଡିଛନ୍ତି ନା କେବେ ନିଜକୁ ଦୁର୍ବଳା ପରି ମାନି ନେଇଛନ୍ତି । ଆତ୍ମବିଶ୍ୱାସ ମନ ନେଇ ଅଗ୍ରସର ହୋଇ ସଫଳ ହୋଇଛନ୍ତି ଜୀବନ-ସଂଗ୍ରାମରେ । ସମାଜର ନୀଚତମ ସ୍ତରରୁ ଉଠି ସାମ୍ରାଜ୍ଞୀ ହେବାର ଅଦମ୍ୟ ଚିରପୋଷିତ ଉଚ୍ଚାଭିଳାଷ ଓ ଅନନ୍ୟ ସାଧନା ବଳରେ । ବାସ୍ତବିକ୍ ଲେଖକ ଉକ୍ତ ଉପନ୍ୟାସ ମାଧ୍ୟମରେ ସମଗ୍ର ନାରୀ ଜାତିକୁ ସତ୍ୟବତୀ କଥା ପ୍ରସଙ୍ଗ ଉତ୍ଥାପନ କରିବା ମାଧ୍ୟମରେ ତାଙ୍କୁ ପ୍ରେରିତ କରିବା ସହିତ ସେମାନଙ୍କୁ ନିଜ ଆଶା ଆକାଂକ୍ଷାର ପକ୍ଷ ଛେଦନ ନକରି ଆତ୍ମବିଶ୍ୱାସର ଡେଣା ମେଲି ନିଜ ଉଚ୍ଚାଭିଳାଷକୁ ପୂର୍ଣ୍ଣ କରିବା ପାଇଁ ଅଦମ୍ୟ ପ୍ରେରଣା ପ୍ରଦାନ କରିଛନ୍ତି ।

ଔପନ୍ୟାସିକଙ୍କର ସପ୍ତମ ସୃଷ୍ଟି 'କୁନ୍ତୀ' ମହଭାରତ ପୃଷ୍ଠଭୂମି ଉପରେ ଆଧାରିତ । ଉକ୍ତ ଉପନ୍ୟାସଟି ୨୦୦୩ ମସିହା ବିଦ୍ୟାପୁରୀ ପ୍ରକାଶକଙ୍କ ଦ୍ୱାରା ପ୍ରକାଶିତ । ତେୟାଅଶୀ ଅଧ୍ୟାୟ ବିଶିଷ୍ଟ ଦୀର୍ଘ ପାଞ୍ଚଶହ ବୟାଅଶୀ ପୃଷ୍ଠାର ସମାହାରରେ କୁନ୍ତୀଙ୍କ ଜୀବନାନୁଲିପି ଭାବେ ଆତ୍ମକଥନ ଶୈଳୀରେ ଏହା ସୃଷ୍ଟ । ମହାଭାରତର ଅନ୍ୟ ଏକ ଦିପ୍ତିମୟୀ ନାରୀ ଚରିତ୍ର ପଞ୍ଚସତୀଙ୍କ ମଧ୍ୟରେ ସ୍ଥାନିତ ମାତା କୁନ୍ତୀ, ଯିଏ ତ୍ୟାଗ, ସହନଶୀଳତା, ଅସୀମ ଧୈର୍ଯ୍ୟର ପ୍ରତୀକ ଜୀବନସାରା ସେ ଉପେକ୍ଷିତ ଉପହାସିତ । ଏପିରକି ପିତୃ ଗୃହରୁ ଆରମ୍ଭ କରି ଶ୍ୱଶୁର ଗୃହ ପର୍ଯ୍ୟନ୍ତ ନାନାଦି କାରଣରୁ ସର୍ବଦା ଉପେକ୍ଷିତ ଓ ଉପହାସିତ ।

କୁମାରୀତ୍ୱ ଅବସ୍ଥାରେ ପ୍ରାପ୍ତ ନିଜ ପ୍ରଥମ ସନ୍ତାନ ପାଇଁ ଏ ସମାଜ ଓ ପିତୃକୁଳକୁ ଦୋଷ ନ ଲାଗିବା ଭୟରେ ତାକୁ ନିଜଠାରୁ ଦୂରେଇ ରଖି ଜୀବନ ତମାମ ମାତୃତ୍ୱର ପ୍ରଥମ ସ୍ପର୍ଶର ଅନୁଭବରୁ ବଞ୍ଚିତା କୁନ୍ତୀଙ୍କ ମାତୃତ୍ୱ ପ୍ରତିଟି ମୁହୂର୍ତ୍ତରେ ବିଳପି ଉଠିଛି । ପୁଣି ପରିଣତ ବୟସରେ ନିଜ ନବଜାତ ଶିଶୁର ପରିଚୟ ପାଇ ସୁଦ୍ଧା ତାକୁ ମାତୃତ୍ୱର ସ୍ନେହ ଦେବାରୁ ବଞ୍ଚିତା ହୋଇଛନ୍ତି । ଏପରିକି ନିଜ ଚକ୍ଷୁ ସାମ୍ନାରେ ପ୍ରଥମ ମାତୃତ୍ୱ ପ୍ରାପ୍ତିର ପରମ ସୌଭାଗ୍ୟ ଦେଇଥିବା ସେହି ସନ୍ତାନର ମୃତ୍ୟୁ ଯନ୍ତ୍ରଣା ଗୋଟେ ମମତାମୟୀ ମାଆର ହୃଦୟକୁ ଛିନ୍‌ଭିନ୍ କରି ଦେଇଛି । ହଁ ଏଇ ସେହି କୁନ୍ତୀ ଯିଏ ରାଜରାଣୀ ଓ ରାଜମାତା ହୋଇ ମଧ୍ୟ ବହୁବାର ଭୋଗିଛନ୍ତି ବନବାସର ଦୁଃଖ । ଜୀବନରେ ଅମାପ ଦୁଃଖ, ଦୁର୍ବିସହ ଯାତନା ଭୋଗୀ ମଧ୍ୟ ବିନା ପ୍ରତିବାଦରେ ସମୟ ସର୍ବୋପରି ଜ୍ଞାତି ପରିଜନଙ୍କ ଠାରୁ ପ୍ରାପ୍ତ ପ୍ରତ୍ୟେକ ନିର୍ଦ୍ଦେଶ ଓ ମାନ ଅପମାନକୁ ମୁଣ୍ଡ ପାତି ସ୍ୱୀକାର କରି ନେଇଛନ୍ତି । ଏକାକୀ ଜଣେ ନାରୀ ପାଂଚ ପୁତ୍ରଙ୍କୁ ଶୃଙ୍ଖଳିତ ଜୀବନ ଅତିବାହିତ କରାଇବାର ମାର୍ଗରେ ପରିଚାଳିତ କରାଇ ସେମାନଙ୍କୁ ପାଂଚ ଶରୀର ଗୋଟିଏ ପ୍ରାଣ କରି ଗଢ଼ି ସମସ୍ତଙ୍କୁ ବୀର ରୂପେ ସମାଜରେ ସ୍ୱତନ୍ତ୍ର ପରିଚୟ ଦେବାରେ ନିଜ ଜବୀନକୁ ଉତ୍ସର୍ଗ କରିଛନ୍ତି । ସେହି ମହୀୟସୀ କୁନ୍ତୀଙ୍କ ଆତ୍ମକଥା 'କୁନ୍ତୀ' ଉପନ୍ୟାସରେ ପ୍ରକାଶିତ ହୋଇଛି । ଏତେ ତ୍ୟାଗ ପରେ ବି ସମାଜ ତାଙ୍କ ଉପରେ ଯେଉଁସବୁ କଳଙ୍କ ଓ ଦୋଷ ବାରମ୍ବାର ଲଦି ଦେଇଛି ସେଥିରେ ଅତିଷ୍ଠ କୁନ୍ତୀଙ୍କ ଆତ୍ମା ଦୀର୍ଘ ପାଞ୍ଚହଜାର ବର୍ଷ ବିତି ଯାଇଥିଲେ ସୁଦ୍ଧା ଆଜି ମଧ୍ୟ ଅତୀତର କବର ଭିତରେ ଥାଇ ଛଟପଟ ହୋଇ ଉଠିଛି । ତାଙ୍କ ଉପରେ ବାରମ୍ବାର ମିଥ୍ୟାଦୋଷ ଆରୋପିତ କରି ତାଙ୍କ ଆତ୍ମା ମନକୁ କଦର୍ଥ କରିବାର ହୀନ ପ୍ରୟାସ ଏ ସମାଜ କରିଚାଲିଛି । ସେହି ଅତୀତର କବର ଭିତରୁ ତାଙ୍କ ଉପରେ ଲାଗିଥିବା ଦୋଷକୁ

ମିଥ୍ୟା ଅପପ୍ରଚାର ବୋଲି କୁନ୍ତୀ ଉପନ୍ୟାସରେ ନିଜର ଜୀବନାନୁଲିପି ମାଧ୍ୟମରେ ବର୍ଣ୍ଣନା କରିଛନ୍ତି । ଉକ୍ତ ଉପନ୍ୟାସଟିରେ ଲେଖକ ଅତୀତ ଓ ବର୍ତ୍ତମାନର ସଂଯୋଗୀକରଣ କରିଛନ୍ତି ।

ମୁଖ୍ୟତଃ 'କୁନ୍ତୀ' ଉପନ୍ୟାସ ସୃଷ୍ଟି କରିବା ପଛରେ ଲେଖକଙ୍କର ଯେଉଁ ମୁଖ୍ୟ ଉଦ୍ଦେଶ୍ୟ ଦୁଇଗୋଟି ନିହିତ ଅଛି ସେଇ ଉଦ୍ଦେଶ୍ୟକୁ ଉପନ୍ୟାସର ପ୍ରାରମ୍ଭରୁ କୁନ୍ତୀ ମୁଖରେ ପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ କୁନ୍ତୀ କହିଛନ୍ତି, "ମୋ'ର କଥା କହିବାର ଦୁଇଟି ଆବଶ୍ୟକତା । ପ୍ରଥମରେ ମୋ' ନିଜ ପାଇଁ । ନିଜ ଆତ୍ମସମ୍ମାନ ପାଇଁ । ଯାହା କିଛି ଯଶଃ, କିର୍ତ୍ତି, ସୁନାମ ଅର୍ଜିଛି ଦୀର୍ଘ ଜୀବନରେ, ତାହାର ସୁରକ୍ଷା ପାଇଁ । ମୋ' ନାଁରେ ଅଯଥାରେ ବହୁ ପୁରୁଷସଙ୍ଗିନୀ ନାରୀ ବୋଲି ଓ ଏକ ନିଷ୍ଠୁରା ହୃଦୟହୀନା ମାଆ ବୋଲି ଯେଉଁ ଅପବାଦର ସ୍ୱର ଉଠୁଛି । x x x ଆଉ ଦ୍ୱିତୀୟ ଆବଶ୍ୟକତା ହେଉଛି, ନିଷ୍ଠୁରା ଜନନୀ ବୋଲି ଯେଉଁ ବୃଥା କଳଙ୍କ ରଟୁଛି ମୋ' ନାଁରେ, ତାହାର ଚିର ଅବସାନ କରାଇବା ।" (କୁନ୍ତୀ, ପୃ.- ୨)

ସୁଖ ଦୁଃଖ ଭରା ଏହି ମନସ୍ୱିନୀ ନାରୀଙ୍କ ଜୀବନ କାହାଣୀ ସହିତ ଉପରୋକ୍ତ ଆଭିମୁଖ୍ୟକୁ ନେଇ 'କୁନ୍ତୀ' ଉପନ୍ୟାସ ପ୍ରଲମ୍ବିତ । ଔପନ୍ୟାସିକଙ୍କର ଉକ୍ତ ଉପନ୍ୟାସଟି ଅନ୍ତର୍ଶ୍ଚୈତନିକ ମନୋବିଜ୍ଞାନର (ଡେପଥ୍ ସାଇକୋଲଜି) ଓଡ଼ିଆ ଭାଷାରେ ଏକ ନବୀନ ସୃଜନର ପ୍ରୟାସ ।

ସର୍ବଶେଷରେ ଔପନ୍ୟାସିକଙ୍କର ଅଷ୍ଟମ ସନ୍ତାନ ହେଉଛି 'କୃଷ୍ଣା' ଉପନ୍ୟାସ ଯାହା ୨୦୦୪ ମସିହାରେ ଆତ୍ମପ୍ରକାଶ କରିଛି । ପଞ୍ଚାବନ ପୃଷ୍ଠା ଅଧ୍ୟାୟର ସମାହାରରେ ଦୀର୍ଘ ତିନିଶହ ଛଷଠି ପୃଷ୍ଠା ବିମଣ୍ଡିତ । ପଂଚସତୀଙ୍କ ମଧ୍ୟରେ ସ୍ଥାନିତ ମହାଭାରତର ମୁଖ୍ୟ ନାୟିକା ଦ୍ରୌପଦୀ ଜଣେ ଦୀପ୍ତିମୟୀ ନାରୀ ଚରିତ୍ର । ଏହି ଦୀପ୍ତିମୟୀ ନାରୀଙ୍କ ଜୀବନାନୁଲିପି ଆତ୍ମକଥନ ଶୈଳୀରେ ଉପନ୍ୟାସରେ ପରିପ୍ରକାଶ । ଦ୍ରୌପଦୀ ପରିସ୍ଥିତିର ପ୍ରବାହରେ ବାଧ୍ୟ ହୋଇ ପଞ୍ଚପତି ଗ୍ରହଣ କରିଥିଲେ ସୁଦ୍ଧା ପବିତ୍ର ଅଗ୍ନିର ଦେଦୀପ୍ୟମାନ ଜ୍ୟୋତି ଶିଖା ପରି ତାଙ୍କ ଚରିତ୍ର ଓ ତାଙ୍କର ଚାରିତ୍ରିକ ଗୁଣାବଳୀ ଭାସ୍ୱରିତ । ଦ୍ରୌପଦୀଙ୍କ ଜୀବନର ସମସ୍ତ ଘଟଣା ଏପରିକି ତାଙ୍କ ଜନ୍ମ ରହସ୍ୟଠାରୁ ଆରମ୍ଭ କରି ସ୍ୱର୍ଗାରୋହଣ ପର୍ଯ୍ୟନ୍ତ ସବୁ ବିବରଣୀର ଏକ ମାର୍ମିକ ଆଲେଖ୍ୟ ହେଉଛି 'କୃଷ୍ଣା' ଉପନ୍ୟାସ । କୁନ୍ତୀ ଉପନ୍ୟାସ ପରି ଉକ୍ତ ଉପନ୍ୟାସରେ ମଧ୍ୟ ଲେଖକ ଅତୀତ ଓ ବର୍ତ୍ତମାନର ସଂଯୋଗୀକରଣ କରିଛନ୍ତି । ସମଗ୍ର ପୁରୁଷ ସ୍ଥାନିତ କୌରବ ସଭାରେ ପାଣ୍ଡବ କୂଳବଧୂ ଦ୍ରୌପଦୀଙ୍କୁ ଯେପରି ପଶା ଖେଳରେ ବାଜି ରଖାଯାଇ ତାଙ୍କ ଚରିତ୍ରକୁ ପଶା କାଠିର ଗୋଟି ପରି ଓଲଟ ପାଲଟ କରି ତାଙ୍କର ନାରୀତ୍ୱର ଅପମାନ କରାଯାଇଛି  ସେ ପରିସ୍ଥିତିକୁ ଭାବିଲା ମାତ୍ରେ ହିଁ ଲୋମକୂପ ଶିହରୀତ ହୋଇ ଉଠେ । ଏହି ଧୈର୍ଯ୍ୟଶୀଳା ନାରୀ ଯାହାଙ୍କ ଦୀର୍ଘ ସଙ୍ଘର୍ଷମୟ ଜୀବନ ଭାଷାରେ ବ୍ୟକ୍ତ କରିବା ଅସମ୍ଭବ । ତାଙ୍କ ପରି ଆଉ ଜଣେ ସତ୍ୟ, କର୍ତ୍ତବ୍ୟନିଷ୍ଠତା ଉଚ୍ଚଗୁଣସମ୍ପନ୍ନ ନାରୀ ଏ ପୃଥିବୀ ପୃଷ୍ଠରେ ଜନ୍ମ ନେବା ଅଦ୍ୱିତୀୟ । ତଥାପି ତାଙ୍କ ଚରିତ୍ରକୁ ବାରମ୍ବାର ମିଥ୍ୟା କଳଙ୍କର କାଳିମା ବୋଲି ସଂହାର କରାଯାଇଛି । ଅତୀତର ସେ ବସ୍ତ୍ରହରଣ ସିନା ଦ୍ରୌପଦୀଙ୍କ ଆତ୍ମାକୁ ଥରେ ଜର୍ଜରିତ କରିଥିଲା ମାତ୍ର କିଛି ଦୁର୍ଜନ ଖଳ ପ୍ରବୃତ୍ତିର ଲୋକଙ୍କ ମିଥ୍ୟା ଅପପ୍ରଚାର ତାଙ୍କ ମୃତ ଆତ୍ମାକୁ ବାରମ୍ବାର କଷ୍ଟ ଦେଇଚାଲିଛି । ସେଥିପାଇଁ ଅତୀତର ଦିବ୍ୟଜ୍ଞାନୀ ଗୁରୁମାନଙ୍କୁ ନୁହେଁ ବରଂ ପରବର୍ତ୍ତୀ ସମୟର କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ତାଙ୍କ ନାଁକୁ ଯେପରି କଦର୍ଥ କରି ତାଙ୍କ ଚରିତ୍ରକୁ ଅମଳିନ କରିବା ପାଇଁ ବାରମ୍ବାର ହୀନ ପ୍ରୟାସ କରି ଚାଲିଛନ୍ତି ସେଥିରେ ଦ୍ରୌପଦୀଙ୍କ ଆତ୍ମା ମୁକ୍ତି ପାଇ ମଧ୍ୟ ଅମୁକ୍ତପ୍ରାୟ ବର୍ତ୍ତମାନ କାଳ ପର୍ଯ୍ୟନ୍ତ ଘୁରି ବୁଲିଛି ଏବଂ ଅତୀତର କବର ମଧ୍ୟରୁ ତାଙ୍କ ଆତ୍ମା ଆଜି ସେହିମାନଙ୍କ ଉଦ୍ଦେଶ୍ୟରେ ତାଙ୍କ ଭ୍ରମକୁ ଭୁଲ ପ୍ରମାଣିତ କରିବାକୁ ମୁକ୍ତପ୍ରାୟ । ଐତିହ୍ୟ ପ୍ରାଣପ୍ରିୟ ଲେଖକ ଉକ୍ତ ଉପନ୍ୟାସରେ ସତୀତ୍ୱର ପରାକାଷ୍ଠା ବହନ କରୁଥିବା ଏହି ଦୀପ୍ତିମୟୀ ନାରୀ ଚରିତ୍ର ଉପରେ ସଖା କୃଷ୍ଣ ଓ କର୍ଣ୍ଣଙ୍କ ପ୍ରତି ଥିବା ଅପାର ଦୁର୍ବଳତାର ଯେଉଁ ମିଥ୍ୟା କଳଙ୍କ କାଳିମା ଏ ସମାଜ ଲଗେଇ ଦେଇଛି ତାକୁ ଭୁଲ ପ୍ରମାଣିତ କରିବା ହିଁ ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ହୋଇଛି ଏବଂ ଏହି ମିଥ୍ୟା ଅଭିଯୋଗକୁ ଅସ୍ୱୀକାର କରି ଦ୍ରୌପଦୀ ଉପନ୍ୟାସରେ ପ୍ରତିବାଦ କରି ଉଠିଛନ୍ତି ଯେ କାହାର ଅଧିକାର ନାହିଁ ତାଙ୍କ ଚରିତ୍ରାୟନକୁ କଦର୍ଥ କରିବାରେ । ଏ ଉଦ୍ଦେଶ୍ୟରେ ଲେଖକଙ୍କର ବକ୍ତ୍ୟବ କୃଷ୍ଣା ଚରିତ୍ର ମାଧ୍ୟମରେ ଏହିପରି ପ୍ରକାଶ୍ୟ - "ପ୍ରତିବାଦ ତ ଏକ ପ୍ରତକ୍ରିୟା ମାତ୍ର, କ୍ରିୟା ନୁହେଁ । ମୁଁ ଆଜି କ୍ରିୟାଶୀଳ ହୋଇ ଘୋଷଣା କରୁଛି, ପ୍ରକୃତରେ ମୁଁ କିଏ ମୁଁ କ'ଣ ଥିଲି ? ସତୀ-ସାଧ୍ୱୀ ନାରୀ ନା ଗଣିକା? ମନ୍ତ୍ରପୂତ ପଞ୍ଚଶଯ୍ୟାର ଶାୟିନୀ ନା ଷଷ୍ଠ କିମ୍ବା ସପ୍ତମ ଶଯ୍ୟା ପ୍ରତି ଅଗ୍ରହିଣୀ ? x x x ଏଇ କଥା କହିବା ଅବସରରେ ମୁଁ ଖାଲି ନିଜକଥା ନ କହି କହୁଛି ସମଗ୍ର ନାରୀ ଜାତିର କଥା । ସାରା ବିଶ୍ୱର ନାରୀ ସମାଜର କଥା । ନାରୀକୁ ନେଇ, ତା'ର ଚରିତ୍ରକୁ ନେଇ, ତା'ର ବିଶ୍ୱସନୀୟତାକୁ ନେଇ ଅନ୍ଧ ଦୃଷ୍ଟି ଓ ଦୋଷ ଦୃଷ୍ଟି ଥିବା ପୁରୁଷ ସମାଜର ସାମାନ୍ୟ ଉତ୍ତପ୍ତ

କମ୍ପନ ସୃଷ୍ଟି କରାଇବାର ଯେଉଁ ହୀନ ଉଦ୍ୟମ, ତାହାକୁ ପଦାଘାତ କରୁଛି ବାରମ୍ବାର । x x x ମୋ ନିଜ ମୁହଁରୁ ସବୁକିଛି ଶୁଣିଯାଅ । ଆଉ ଆପଣାର ବିବେକ-ବୁଦ୍ଧି ନେଇ ବିଚାର କର, ମୁଁ କିଏ ?" ! (କୃଷ୍ଣା - ପୃ. ୩)

ଦ୍ରୌପଦୀ ଚରିତ୍ରଟି ଅତୀତର ସ୍ମରଣିକା ମାତ୍ର ନୁହେଁ, ତାହା ଯଥାର୍ଥରେ ବ୍ୟାସଦେବଙ୍କ ଏକ ଅଦ୍ୱିତୀୟ ଯୁଗାନ୍ତକାରୀ ସୃଷ୍ଟି । ଯାହାଙ୍କ ସମକକ୍ଷ କେହି ହେବା ଆଗାମୀ କାଳ କାଳକୁ ଅସମ୍ଭବ, ଯାହାର ଚରିତ୍ରର ସଗୁଣବତା ଆଗାମୀ ଦିନରେ ଦୁର୍ଲଭ । ସାରା ଜୀବନ ଦ୍ୱିଧା-ଦ୍ୱନ୍ଦ୍ୱ, ସମସ୍ୟା-ସଙ୍କଟ, ଦିବ୍ୟ-ଅଦିବ୍ୟ ଭାବନାରେ ମର୍ମାହତ । ପୁଣି ଅସହ୍ୟ ଯନ୍ତ୍ରଣାରେ ଜର୍ଜରିତ ଏହି ନାରୀ ଚରିତ୍ର ନିଜ ଜୀବନରେ ଉତ୍କର୍ଷତାର ସର୍ବୋଚ୍ଚ ଶିଖର ଆରୋହଣ କରିଛନ୍ତି । ଦ୍ରୌପଦୀ ନିଜର ବଳିଷ୍ଠ, ଆତ୍ମବଳ ଏବଂ ଅନନ୍ୟ ଅସାଧାରଣ ଭଗବତ ଚିତ୍‌ଶକ୍ତିର ଅଧିକାରିଣୀ ଅଟନ୍ତି । ସେହି ଦେଦୀପ୍ୟମାନ ନାରୀ ଜୀବନର ଆତ୍ମାନୁଲିପିକୁ ନେଇ ଔପନ୍ୟାସକଙ୍କ 'କୃଷ୍ଣା' ଉପନ୍ୟାସ ପରିକଳ୍ପିତ ।

ଓଡ଼ିଆ କଥାସାହିତ୍ୟର ଜଣେ ବୌଦ୍ଧିକ ଓ ବୁଦ୍ଧିଦୀପ୍ତ ଐତିହ୍ୟ ଓ ସଂସ୍କୃତି ପ୍ରିୟ ଔପନ୍ୟାସିକ ହେଉଛନ୍ତି ସୁରେନ୍ଦ୍ରନାଥ ଶତପଥୀ । ରାମାୟଣ, ମହାଭାରତର ଚିରନ୍ତନ ମାନବୀୟ ମୂଲ୍ୟବୋଧ ଉପରେ ଭାସ୍ୱରିତ ତାଙ୍କ ଉପନ୍ୟାସ ଜଗତ । ରାମାୟଣ ଓ ମହାଭାରତ ପୃଷ୍ଠପଟ୍ଟରୁ କାହାଣୀ ଚୟନ କରି ସାଧାରଣ ମାନବର ଚେତନା ସ୍ତରକୁ ଉର୍ଦ୍ଧ୍ୱାୟିତ କରିବା ଅଭିପ୍ରାୟରେ ତାଙ୍କର ପ୍ରତିଟି ଉପନ୍ୟାସ ହୋଇପାରିଛି ଅନନ୍ୟ ଓ ଅନବଦ୍ୟ ।

**ସହାୟକ ଗ୍ରନ୍ଥସୂଚୀ :**


(୧) ମନ୍ଥରା - ସୁରେନ୍ଦ୍ରନାଥ ଶତପଥୀ, କଟକ ଷ୍ଟୁଡେଣ୍ଟ ଷ୍ଟୋର, ବାଲୁବଜାର, କଟକ ।

(୨) ଜାନକୀ-ସୁରେନ୍ଦ୍ରନାଥ ଶତପଥୀ, ବିଦ୍ୟାପୁରୀ, ବାଲୁବଜାର, କଟକ ।

(୩) ରାବଣ - ସୁରେନ୍ଦ୍ରନାଥ ଶତପଥୀ, ବିଦ୍ୟାପୁରୀ, ବାଲୁବଜାର, କଟକ ।

(୪) କୃଷ୍ଣା - ସୁରେନ୍ଦ୍ରନାଥ ଶତପଥୀ, ବିଦ୍ୟାପୁରୀ, ବାଲୁବଜାର, କଟକ ।

(୫) କର୍ଣ୍ଣ - ସୁରେନ୍ଦ୍ରନାଥ ଶତପଥୀ, ବିଦ୍ୟାପୁରୀ, ବାଲୁବଜାର, କଟକ ।

(୬) ଯୋଜନଗନ୍ଧା - ସୁରେନ୍ଦ୍ରନାଥ ଶତପଥୀ, ବିଦ୍ୟାପୁରୀ, ବାଲୁବଜାର, କଟକ ।

(୭) କୁନ୍ତୀ - ସୁରେନ୍ଦ୍ରନାଥ ଶତପଥୀ, ବିଦ୍ୟାପୁରୀ, ବାଲୁବଜାର, କଟକ ।

(୮) କୃଷ୍ଣା - ସୁରେନ୍ଦ୍ରନାଥ ଶତପଥୀ, ବିଦ୍ୟାପୁରୀ, ବାଲୁବଜାର, କଟକ ।



ଗବେଷିକା

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,

ବାରିପଦା, ଫୋନ୍- ୮୯୧୭୫୫୩୦୨୩